# NATIONAL NEWS BULLETIN (ODIA)

**1 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ନିବାରଣ ସଂଶୋଧନ ବିଲ୍-୨୦୨୬କୁ ଅନୁମୋଦନ ପ୍ରଦାନ କଲେ ରାଷ୍ଟ୍ରପତି
- ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର ଉଦ୍‌ଘାଟନ ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ
- ହ୍ରାସ ପାଇଲା ୧୯ କିଲୋଗ୍ରାମ ବାଣିଜ୍ୟିକ୍ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ
- ଆମେରିକାର ଆକ୍ରମଣ ଧମକ ପରିପ୍ରେକ୍ଷୀରେ ପ୍ରତିଆକ୍ରମଣ ନେଇ ଇରାନର ଚେତାବନୀ

ଏବଂ

- ତାଇପେଇ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଏକକ ମହିଳା ବର୍ଗ ଫାଇନାଲ୍‌ରେ ପହଞ୍ଚିଲେ ତନ୍‌ଭୀ ଶର୍ମା

---

## ପ୍ରେଜ୍-ଆସେଣ୍ଟ୍ ପବ୍ଲିକ୍ ଏକ୍‌ଜାମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬କୁ ଅନୁମୋଦନ କରିଛନ୍ତି । ଗତ

ଗୁରୁବାର ସଂସଦରେ ଏହି ବିଲ୍ ପାରିତ ହୋଇଥିଲା । ଏହି ବିଲ୍ ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ପ୍ରତିରୋଧ ଅଧିନିୟମ-୨୦୨୪ର ସଂଶୋଧନ ପାଇଁ ଉଦ୍ଦିଷ୍ଟ । ଏହି ବିଲ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରାବଧାନ ଅନ୍ତର୍ଭୁକ୍ତ କରାଯାଇଛି । ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ, ୧୦ କୋଟି ପର୍ଯ୍ୟନ୍ତ ଜରିମାନା ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧିଙ୍କ ସମ୍ପତ୍ତି ବାଜ୍ୟାପ୍ତି ଭଳି କଠୋର ଦଣ୍ଡର ବ୍ୟବସ୍ଥା ଏହି ବିଲ୍‌ରେ ରହିଛି । ମାମଲାଗୁଡ଼ିକର ତ୍ୱରିତ ନିଷ୍ପତ୍ତି ସୁନିଶ୍ଚିତ କରିବା ପାଇଁ ଏହି ଆଇନ ପ୍ରତ୍ୟେକ ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନକୁ ଦୈନନ୍ଦୀନ ଶୁଣାଣି ପାଇଁ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରିବା ବାଧ୍ୟତାମୂଳକ କରିଛି । ଥାନାରେ ସୂଚନା ପଞ୍ଜୀକୃତ ହେବା ଦିନଠାରୁ ଦୁଇ ମାସ ମଧ୍ୟରେ ଅପରାଧର ତଦନ୍ତ ଶେଷ କରିବାକୁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି । ଚାର୍ଜସିଟ୍ ଦାଖଲ ହେବାର ତିନି ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ ହେବା ଜରୁରୀ ।

# ପିଏମ୍-ଏପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଅନ୍ତର୍ଗତ ଭୋଗପୁରମ୍‌ରେ ଗ୍ରୀନ୍‌ଫିଲ୍ଡ ଆଲୁରୀ ସୀତାରାମ ରାଜୁ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରର ଉଦ୍‌ଘାଟନ କରିଛନ୍ତି ।

ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଏସ୍. ଅବଦୁଲ ନଜୀର, ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ବିମାନ ବନ୍ଦରରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଶ୍ରୀ ମୋଦୀ ଯାତ୍ରୀ ଟର୍ମିନାଲ୍ ଭବନର ଉଦ୍‌ଘାଟନ କରିଛନ୍ତି ଏବଂ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦରର

ନିରୀକ୍ଷଣ କରିଛନ୍ତି । ସେ ବିମାନ ବନ୍ଦରର ଅତ୍ୟାଧୁନିକ ସୁବିଧାଗୁଡ଼ିକର ସମୀକ୍ଷା କରିଛନ୍ତି ଏବଂ ଅଧିକାରୀମାନଙ୍କୁ ତାହାର ଡିଜାଇନ୍, ଆଧୁନିକ ପ୍ରଯୁକ୍ତିବିଦ୍ୟା, ମାଷ୍ଟର ପ୍ଲାନ୍ ତଥା ବିମାନ ବନ୍ଦର ଭବିଷ୍ୟତ ସଂପର୍କରେ ପଚାରି ବୁଝିଛନ୍ତି । **V/O**

ପ୍ରଧାନମନ୍ତ୍ରୀ ୧୩ ହଜାର ୫୦୦ରୁ ଅଧିକ ଆଦିବାସୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଢେମ୍‌ସା ନୃତ୍ୟ ପରିବେଷଣ ଦେଖିଥିଲେ, ଯାହା ଉତ୍ତର ଆନ୍ଧ୍ରର ଜୀବନ୍ତ ଆଦିବାସୀ ସଂସ୍କୃତିକୁ ଦର୍ଶାଉଛି । ଶ୍ରୀ ମୋଦୀ ରାଜ୍ୟରେ ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି :**V/O**

---

# କମର୍ସିଆଲ୍ ଏଲ୍‌ପିଜି ପ୍ରାଇସ୍

୧୯ କିଲୋଗ୍ରାମ୍ ବାଣିଜ୍ୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ପ୍ରାୟ ୨ଶହ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଛି । ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ସଂଶୋଧିତ ମୂଲ୍ୟ ସଂକ୍ରାନ୍ତ ଏହି ପଦକ୍ଷେପ ଆଜିଠାରୁ ଲାଗୁ ହୋଇଛି । ଦିଲ୍ଲୀରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୨ ହଜାର ୭୩୮ ଟଙ୍କା ହୋଇଥିବା ବେଳେ କୋଲ୍‌କାତାରେ ୨ ହଜାର ୮୭୨ ଟଙ୍କା ୫୦ ପଇସା, ମୁମ୍ବାଇରେ ୨ ହଜାର ୬୯୧ ଟଙ୍କା ଏବଂ ଚେନ୍ନାଇରେ ୨ ହଜାର ୯୦୬ ଟଙ୍କା ହୋଇଛି । ଦର ହ୍ରାସ ଯୋଗୁଁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସୁଫଳ ପାଇବେ ବୋଲି ତୈଳ କମ୍ପାନିଗୁଡ଼ିକ ପକ୍ଷରୁ କୁହାଯାଇଛି ।

---

# ଇରାନ- ଓ୍ୱାର୍ନ୍ସ ୟୁଏସ୍

ପଶ୍ଚିମ ଏସିଆରେ ଥିବା ଇସ୍ରାଏଲ୍‌ର ପ୍ରମୁଖ ଭିତ୍ତିଭୂମି କ୍ଷେତ୍ର ଏବଂ ଆମେରିକୀୟ ଶକ୍ତି ପ୍ରତିଷ୍ଠାନଗୁଡ଼ିକ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଥିବା ନେଇ ଇରାନ ଚେତାବନୀ ଦେଇଛି । ଯଦି ଇରାନ ଉପରେ ଆକ୍ରମଣ ହୁଏ, ତେବେ ଏହାର ଜବାବରେ ସେ ଏହି ପଦକ୍ଷେପ ଗ୍ରହଣ କରିବ ବୋଲି ସତର୍କ କରାଇଛି । ବରିଷ୍ଠ ଇରାନୀ ସୁରକ୍ଷା ଅଧିକାରୀଙ୍କ ବକ୍ତବ୍ୟକୁ ଉଦ୍ଧାର କରି ଇରାନର ସରକାରୀ ଗଣମାଧ୍ୟମ  ଏହି ସୂଚନା ପ୍ରଦାନ କରିଛି । ଇରାନର ସଶସ୍ତ୍ର ବାହିନୀ ଇତିମଧ୍ୟରେ ୪୦ ଦିନ ପର୍ଯ୍ୟନ୍ତ ସଂଘର୍ଷ ଏବଂ ପରବର୍ତ୍ତୀ ସାମରିକ ପଦକ୍ଷେପ ମାଧ୍ୟମରେ ନିଜର ଦକ୍ଷତା ପ୍ରତିପାଦନ କରିସାରିଛି ବୋଲି ଏହି ଅଧିକାରୀ କହିଛନ୍ତି ।

ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ସପ୍ତାହ ଶେଷ ସୁଦ୍ଧା ଇରାନ ଉପରେ ପୁଣି ଆକ୍ରମଣ କରିବା ଲାଗି ସେନାକୁ ପ୍ରସ୍ତୁତ ରହିବା ନିମନ୍ତେ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ, ଏହି ଆକ୍ରମଣର ଉଦ୍ଦେଶ୍ୟ ହେଉଛି ତେହେରାନ୍‌କୁ ଆତ୍ମସମର୍ପଣ ଲାଗି ଚାପ ପ୍ରୟୋଗ କରିବା । ଇରାନ ସହିତ କୂଟନୈତିକ ଆଲୋଚନାର ଭବିଷ୍ୟତ ସଂପର୍କରେ ଏକ ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରପତି ଟ୍ରମ୍ପ ଏହି ସୂଚନା ଦେବା ସହ ଜୋର୍ଡାନ୍‌ରେ ଆମେରିକୀୟ ସୈନ୍ୟ ପ୍ରତିଷ୍ଠାନ ଉପରେ ଆକ୍ରମଣ ଘଟଣାର ଜବାବ ଦେବା ଲାଗି ପ୍ରସ୍ତୁତ ହେଉଥିବା  ଜଣାପଡ଼ିଛି ।  ଆମେରିକା’ ଇରାନର

ଶକ୍ତିକେନ୍ଦ୍ର ଏବଂ ତୈଳ ବିଶୋଧନାଗାର ଗୁଡ଼ିକ ଉପରେ ଆକ୍ରମଣ କରିବ ବୋଲି ଧମକ ଦେଇଛି ।

ଚଳିତବର୍ଷ ଫେବୃୟାରୀ ୨୮ରୁ ଆରମ୍ଭ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ସମାଧାନ ପରିବର୍ତ୍ତେ ଅଧିକ ଆକ୍ରମଣାତ୍ମକ ହେଉଛି । ଇତିମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖିବା ସହ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ ଓ ସାର ପରିବହନକୁ ବନ୍ଦ ରଖିଛି ।

## ରୁଷ- ଆଟାକ୍ ୟୁକ୍ରେନ୍

ୟୁକ୍ରେନ୍‌ର ରାଜଧାନୀ କିଭ୍ ଉପରେ ରୁଷ୍‌ର ଆକ୍ରମଣ ଯୋଗୁଁ ୯ ଜଣ ପ୍ରାଣ ହରାଇବା ସହ ୨୨ ଜଣ ଆହତ ହୋଇଛନ୍ତି । ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଧ୍ୟମରେ ରୁଷ୍ ପକ୍ଷରୁ ଏହି ଆକ୍ରମଣ କରାଯାଇଥିଲା । ଆକ୍ରମଣରେ କିଭ୍‌ର ସୋଲୋମିଆନସ୍କି ଜିଲ୍ଲାର ଏକ ୫ ମହଲା ବିଶିଷ୍ଟ ଆବାସିକ କୋଠାରେ ନିଆଁ ଲାଗିଯାଇଥିଲା । ଏଥିସହ ଅନ୍ୟ କେତେକ ଅଞ୍ଚଳରେ ମଧ୍ଯ ସାଧାରଣ ଭିତ୍ତିଭୂମି ଉପରେ ଆକ୍ରମଣ ହୋଇଥିବା ୟୁକ୍ରେନ୍‌ର ରାଜ୍ୟ ଜରୁରୀ କାଳୀନ ସେବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଷ୍ଟ୍ରପତି ଭୋଲ୍‌ଦମିର ଜେଲେନ୍‌ସ୍କି କହିଛନ୍ତି, ସେ ଇତିମଧ୍ୟରେ  ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ କଥା ହୋଇଛନ୍ତି । ଏହି ଆଲୋଚନା ସକାରାତ୍ମକ ରହିଥିବା ସେ ବର୍ଣ୍ଣନା କରିଛନ୍ତି । ଗତ ୨ ଦିନ ପୂର୍ବରୁ ୟୁକ୍ରେନ୍‌ରେ ରୁଷ୍‌ର ଆକ୍ରମଣ ଯୋଗୁଁ ୧୦ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିବା ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଥିଲେ ।

# ଇଣ୍ଡିଆ -ରୁଆଣ୍ଡା

ଭାରତ ଏବଂ ରୁଆଣ୍ଡା ଦ୍ୱିପାକ୍ଷିକ ବାଣିଜ୍ୟ ତଥା ବ୍ୟାବସାୟିକ ସଂପର୍କ ବୃଦ୍ଧି ନେଇ ସହମତି ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ-ରୁଆଣ୍ଡା ମିଳିତ ବାଣିଜ୍ୟିକ କମିଟିର ପ୍ରଥମ ଅଧିବେଶନରେ ଉଭୟ ଦେଶ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ବୈଠକ ଅବସରରେ ଭାରତ ବିଭିନ୍ନ କ୍ଷେତ୍ରରେ ରପ୍ତାନୀକୁ ବ୍ୟାପକ କରିବା ନେଇ ଆଲୋକପାତ କରିଛି । ସେଗୁଡ଼ିକ ମଧ୍ୟରେ ଭାରୀ ଇଞ୍ଜିନିୟରିଂ ସାମଗ୍ରୀ, ଔଷଧ ଓ ଚିକିତ୍ସା ଉପକରଣ, ପେଟ୍ରୋଲିୟମ ଉତ୍ପାଦ, ବୟନ, ସାମୁଦ୍ରିକ ଉତ୍ପାଦ, ପ୍ଲାଷ୍ଟିକ୍, କ୍ରୀଡ଼ା ସାମଗ୍ରୀ ଓ ଖେଳଣା, ରତ୍ନ ଏବଂ ଅଳଙ୍କାର ଏବଂ ବୈଜ୍ଞାନିକ ଉପକରଣ ଆଦି ଅନ୍ତର୍ଭୁକ୍ତ । ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ର, ସ୍ୱାସ୍ଥ୍ୟସେବା ଓ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ନେଇ ଉଭୟ ଦେଶ ନୂତନ ମାର୍ଗ ଚିହ୍ନଟ ଉପରେ ଗୁରୁତ୍ୱ ପ୍ରଦାନ କରିଥିବା ମନ୍ତ୍ରଣାଳୟ କହିଛି । ଗତ ୨ ଦିନ ଧରି ନୂଆଦିଲ୍ଲୀଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

---

# ଜିଏସଟି କଲେକ୍ସନ- ଜୁଲାଇ

ଦେଶରେ ଦ୍ରବ୍ୟ ଓ ସେବାକର -ଜିଏସଟି ସଂଗ୍ରହ ଗତମାସରେ ଉଲ୍ଲେଖନୀୟ ବୃଦ୍ଧି ଘଟି ୨ ଲକ୍ଷ ୧୧ ହଜାର ୨୦୫ କୋଟି ଟଙ୍କାରେ ପହଞ୍ଚିଛି । ଗତବର୍ଷ ତୁଳନାରେ ଏହା ୧୫ ଦଶମିକ ୪ ପ୍ରତିଶତ ଅଧିକ । ଗତବର୍ଷ ଏହି ମାସରେ ଜିଏସଟି ସଂଗ୍ରହ ୧ ଲକ୍ଷ ୮୩ ହଜାର ୬୫ କୋଟି ଟଙ୍କା ହୋଇଥିଲା । ଅର୍ଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଗତ ମାସରେ ମୋଟ୍ ଘରୋଇ ଜିଏସଟି ସଂଗ୍ରହ ୧ ଲକ୍ଷ ୪୪ ହଜାର ୬୯୫

କୋଟି ଟଙ୍କା ହୋଇଛି । ଗତବର୍ଷ ତୁଳନାରେ ଏ କ୍ଷେତ୍ରରେ ୧୦ ଦଶମିକ ୧ ପ୍ରତିଶତ ବୃଦ୍ଧି ଘଟିଛି । ଆମଦାନୀ କ୍ଷେତ୍ରରୁ ଜିଏସଟି ସଂଗ୍ରହ ୨୮ ଦଶମିକ ୮ ପ୍ରତିଶତ ବୃଦ୍ଧି ପାଇ ୬୬ ହଜାର ୫୧୧ କୋଟି ଟଙ୍କାରେ ପହଞ୍ଚିଥିବା ଅର୍ଥ ମନ୍ତ୍ରଣାଳୟ କହିଛି ।

---

## ବ୍ୟାଡମିଣ୍ଟନ

ତାଇପେଇ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ତନ୍‌ଭୀ ଶର୍ମା ଏକକ ମହିଳା ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ ତନ୍‌ଭୀ ତାଙ୍କ ଚାଇନିଜ୍ ତାଇପେଇ ପ୍ରତିପକ୍ଷ ଓ୍ୱାଙ୍ଗ ୟୁ ସୁନ୍ ଙ୍କୁ ୨୧-୧୭ ଏବଂ ୨୧-୧୧ ସେଟ୍‌ରେ ପରାସ୍ତ କରିଛନ୍ତି । ଫାଇନାଲ୍‌ରେ ତନ୍‌ଭୀ ଭିଏତ୍‌ନାମର ଥୁ ଲିନ୍ ଏନ୍‌ଗ୍ୟୁୟେନ୍‌ଙ୍କୁ ଭେଟିବେ । ଅନ୍ୟପକ୍ଷରେ ଉନ୍ନତି ହୁଡା ସେମିଫାଇନାଲ୍ ପର୍ଯ୍ୟାୟରେ ଭିଏତ୍‌ନାମର ଥୁ ଲିନ୍ ଙ୍କଠାରୁ ପରାସ୍ତ ହୋଇଛନ୍ତି ।

---

## ପାଣିପାଗ

ଗୁଜରାଟ, କେରଳ, ମାହେ ରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ  ସତର୍କ ସୂଚନା ଜାରି କରିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଦିଲ୍ଲୀ, ହରିଆଣା, ଚଣ୍ଡୀଗଡ଼, ପଞ୍ଜାବ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, କୋଙ୍କଣ, ଗୋଆ ଏବଂ ଉତ୍ତର-ପୂର୍ବାଞ୍ଚଳର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ବିଭାଗ ଆକଳନ କରିଛି । ଅନ୍ୟପକ୍ଷରେ ଆସନ୍ତା ୨ ଦିନ ମଧ୍ୟରେ ଓଡ଼ିଶା ସମେତ ତେଲେଙ୍ଗାନା, ବିଦର୍ଭ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଜାମ୍ମୁକାଶ୍ମୀର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ

ଧୂଳିଝଡ଼, ବିଜୁଳି ସହ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ କହିଛି ।